# ବର୍ଦ୍ଧିତ ଘର ଟିକସ ବିରୋଧରେ ଓକିଲଙ୍କ ଦାବିପତ୍ର

ବ୍ରହ୍ମପୁର,୧୪।୮ (ସମିସ)



ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପୁରୁଣା ଅଚଳ ଆଇନ(ଓଡ଼ିଶା ପୌରସଂସ୍ଥା ୧୯୫୦ ଆଇନ୍) ପ୍ରକାରେ ଘର ଟିକସ ଧାର୍ଯ୍ୟ ବେଆଇନ ଭାବରେ ଆଦାୟ କରୁଥିବା ଗଞ୍ଜାମ ଓକିଲ ସଂଘର ଶତାଧିକ ଓକିଲ ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ବହୁ ଓକିଲ ବିଏମସି ଡେ଼ପୁଟି କମିସନର କାଲ୍ୟାଣୀ ସଂଘମିତ୍ରାଙ୍କୁ ସାକ୍ଷାତ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟର ଏହି ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଗୁଡ଼ିକ ପ୍ରଦାନ କରିଥିଲେ। ଏହିକ୍ରମରେ ବିଏମସି ବେଆଇନ୍ ରୂପେ ବର୍ଦ୍ଧିତ ଘର ଟିକସ ଦାବି କରିବା ଓଡ଼ିଶା ପୌରପରିଷଦ ଆଇନ୍ ୨୦୦୩ ପ୍ରକାରେ ନିବୃତ ରହୁ ବୋଲି ଓକିଲମାନେ ଦାବି କରିଛନ୍ତି। ଏହି ବର୍ଦ୍ଧିତ ଟିକସକୁ ବିରୋଧ କରି ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ମାମଲା ଦାଖଲ କରିଛନ୍ତି। ଉଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ଶ୍ରୀ ପଣ୍ଡାଙ୍କ ଠାରୁ ବର୍ଦ୍ଧିତ ଘର ଟିକସ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ପଣ୍ଡା ଜଣାଇଥିଲେ। ସେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିକଟରେ ଦେଇଥିବା ନିର୍ଦ୍ଦେଶନାମାକୁ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିଲେ। ଏହି ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବାରୁ, ମାମଲା ସମାପ୍ତ ହେବା ପର୍ଯ୍ୟନ୍ତ ବର୍ଦ୍ଧିତ ଘର ଟିକସ ବ୍ରହ୍ମପୁର ଜନ ସାଧାରଣଙ୍କ ଠାରୁ ଆଦାୟ ନ କରି ପୁରୁଣା ଦର ଆଦାୟ କରାଯାଉ ବୋଲି ଓକିଲମାନେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରଘୁନାଥ ପାଣିଗ୍ରାହୀ, ଶ୍ରୀକାନ୍ତ ପଟ୍ଟନାୟକ, ଅଶୋକ ଶୁକ୍ଳ, ଲାଲବାହାଦୁର ପଟ୍ଟନାୟକ, ସଞ୍ଜୟମିଶ୍ର, ପ୍ରଫୁଲ୍ଲ ପାଣିଗ୍ରାହୀ, ବିରଞ୍ଚି ମହାପାତ୍ର, ମୁନା ସିଂ, ଚିନ୍ମୟ ହୋତା, ଲୋକନାଥ ପୂଜାରୀ, ଗୌରାଙ୍ଗ ଚୌଧୁରୀ, ଆଲୋକ ସାହୁ, ସନ୍ତୋଷ ପାତ୍ର, ବାବୁଲା ମାଝୀ, ସୁକାନ୍ତ ଗୌଡ, ଚନ୍ଦ୍ର ଶେଖର ଗୌଡ, ମନୋଜ ପାଣିଗ୍ରାହୀ, ବାଲାଜୀ ରେଡ୍ଡୀ, ଅସିତ ପାତ୍ର, ବିଶ୍ୱଜିତ ସେଠୀ, ସୁଦର୍ଶନ ସେଠୀ, ବିଜୟ ସାହୁ, ସୁଶାନ୍ତ ଗୌଡ, ସୁପ୍ରଭା କୁମାରୀ ଦାଶ ଓ ସୁନନ୍ଦା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତ ବାଇକ ଚାଳକଙ୍କ ମୃତ୍ୟୁ

ଦିଗପହଣ୍ଡି,୧୪।୮ (ସମିସ): ଦିଗପହଣ୍ଡି -ବ୍ରହ୍ମପୁର ଖେମୁଣ୍ଡି କାଲୁଆ ଛକଠାରେ ବୁଧବାର କାର ଧକ୍କାରେ ଗୋପାଳପୁର ଗ୍ରାମର ବାଇକ ଚାଳକ ଜଗନ କୁମାର ସ୍ୱାଇଁ(୨୩) ଗୁରୁତର ହୋଇଥିଲେ। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ତାଙ୍କ ମୃତ୍ୟୁ ଘଟିଛି। ଉଦୟନାଥ ସ୍ୱାଇଁ ଓ ସୁଦେଷ୍ଣା ସ୍ୱାଇଁଙ୍କ ଏକମାତ୍ର ପୁଅ ଜଗନ ଡେଲିଭରି ବୟ ଭାବେ କାମ କରନ୍ତି। ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି ମା'-ବାପା। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଥିଲା। ଜଗନଙ୍କ ମାମୁଁ ଦିଗପହଣ୍ଡି ଥାନାରେ କାର୍ ଚାଳକଙ୍କ ବିରୁଦ୍ଧରେ ଏତଲା ଦେଇଥିବାବେଳେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର କହିଛନ୍ତି।

## ବନ୍ୟଜନ୍ତୁ ସଂରକ୍ଷଣ, ବୃକ୍ଷରୋପଣ ସଚେତନତା

ବ୍ରହ୍ମପୁର,୧୪।୮ (ସମିସ): ବିନାୟକ ଆଚାର୍ଯ୍ୟ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟରେ ଡ଼ାକ୍ତର ଏପିଜେ ଅବଦୁଲ କାଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ଓ ଇକୋ କ୍ଲବ ମିଳିତ ଆନୁକୁଲ୍ୟରେ ବିଶ୍ୱ ହସ୍ତୀ ଦିବସ ଅବସରରେ ବନ୍ୟଜନ୍ତୁ ସଂରକ୍ଷଣ ଓ ବୃକ୍ଷରୋପଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟ



ଖଲ୍ଲିକୋଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ନାହାକ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଲିଙ୍ଗରାଜ ସ୍ୱାଇଁ, ଡେପୁଟି ରେଞ୍ଜ ଅଫିସର ମାନସ କୁମାର ସାହୁ, ଓଡିଶା ଜଳସାଥି ମିଶନର ସଭାନେତ୍ରୀ ସୁପ୍ରଭା ରାଉତ, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ସୁଦର୍ଶନ ଛୋଟରାୟ ଯୋଗ ଦେଇ ବନ୍ୟଜନ୍ତୁ ସଂରକ୍ଷଣ ଓ ବୃକ୍ଷରୋପଣ ସଚେତନ ପାଇଁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ସହ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ ସୁଦର୍ଶନ ଛୋଟରାୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରାଚୀନ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଂପାଦକ ବଂଶୀଧର ସେଠୀ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ର ପ୍ରବୀଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ବ୍ରହ୍ମପୁର,୧୪।୮ (ସମିସ): ବ୍ରହ୍ମପୁର ସହରର ମହିଳା ତଥା ଶରଧାବାଲି ନିବାସୀ ପୂର୍ବତନ



ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପାଣିଗ୍ରାହୀଙ୍କ ୭୪ବର୍ଷରେ ପରଲୋକ ଘଟିଛି। ପ୍ରଫୁଲ ଚନ୍ଦ୍ର ପଣ୍ଡାଙ୍କ ସହଧର୍ମଣୀ ତଥା ଭବାନୀପାଟଣା ଏସ୍ଆରଏମ୍ ମେଡ଼ିକାଲ କଲେଜର ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସମ୍ବିତ କୁମାର ପଣ୍ଡାଙ୍କ ମା' ହେଉଛନ୍ତି ପ୍ରତିଭା ପାଣିଗ୍ରାହୀ। ମୃତ୍ୟୁଶଯ୍ୟା ସ୍ଥଳେ ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ଅଳକାପୁରୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

## ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରେ ତ୍ରିରଙ୍ଗା ପଦଯାତ୍ରା

ବ୍ରହ୍ମପୁର,୧୪।୮ (ସମିସ): ମହାମାୟୀ ମହିଳା ମହାବିଦ୍ୟାଳୟ ତରଫରୁ "ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଉଦଘାଟନ କରିଥିଲେ। ପରେ କଲେଜର "ଆମ ଗୌରବ ଆମ କଲେଜ' ତଥା "ଶକ୍ତିଶ୍ରୀ' ସଂଯୋଜିକା ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ନେତୃତ୍ୱରେ ସହସ୍ରାଧିକ ଛାତ୍ରୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ବୃନ୍ଦ ଏକ ବିଶାଳ ଶୋଭାଯାତ୍ରାରେ ବାହାରି, ଦେଶପ୍ରେମ ସ୍ଲୋଗାନ ସହ ଗାନ୍ଧୀନଗର ଏବଂ ଧର୍ମାନଗର ପରିକ୍ରମା କରିଥିଲେ। ସେହିଭଳି ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା ରାଲିକୁ ଅଧ୍ୟକ୍ଷା ଡ.ପ୍ରମିଳା ଖାଡଙ୍ଗା ରାଲିର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ "ହର ଘର ତ୍ରିରଙ୍ଗା' କମିଟିର ନୋଡାଲ ଅଫିସର ଡ. ରବୀନ୍ଦ୍ର କୁମାର ପଣ୍ଡା, ସଦସ୍ୟ ଶଙ୍କର ପ୍ରସାଦ ମହାପାତ୍ର, ଡ. ଶୁଭଶ୍ରୀ ଅପରାଜିତା ଓ ଡ.ଶାରଦା ପ୍ରସାଦ ଦାସଙ୍କ ସାଙ୍ଗକୁ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତ୍ରିରଙ୍ଗା ଯାତ୍ରାର ପରିଚାଳନା କରିଥିଲେ।

## ମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ନେତା

ରମ୍ଭା,୧୪।୮ (ସମିସ): ତ୍ରିରଙ୍ଗା ଯାତ୍ରା ଅବସରରେ ବିଜେପି ସ୍ଥାନୀୟ ନେତା ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ରମ୍ଭାର ମେଡିକାଲ ସମସ୍ୟା ବିଷୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଇଥିଲେ। ପୂର୍ବରୁ ଜିଲ୍ଲାର ସ୍ୱାସ୍ଥ୍ୟ ମୁଖ୍ୟ ଅଧିକାରୀ ଓ ରାଜ୍ୟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଚିଠି ନଂ.୧୮୪୫୦ ଓ ୧୮୨୯୭ ପ୍ରକାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନୀତ କରି ୧୫ ଶଯ୍ୟା ଓ ତିନିଗୋଟି ଡାକ୍ତର ନିଯୁକ୍ତି ବିଷୟରେ ଜଣାଇଥିଲେ। ଯେହେତୁ ୧୨ଗୋଟି ପଞ୍ଚାୟତ, ରମ୍ଭା ଏନଏସି ଓ ଖଲିକୋଟ ନିର୍ବାଚନ ମଣ୍ଡଳୀର ୪ଗୋଟି ପଞ୍ଚାୟତ ଏହି ମେଡିକାଲକୁ ନିର୍ଭର କରୁଛନ୍ତି। ତା ସାଙ୍ଗକୁ ଜାତୀୟରାଜପଥରେ ଦୁର୍ଘଟଣା ଜନିତ ମୃତ୍ୟୁ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

## ସାପ କାମୁଡ଼ାରେ ମାଇଁ ଓ ଭାଣିଜୀ ମୃତ

ପାତ୍ରପୁର,୧୪।୮ (ସମିସ): ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ବିଲୁଗାଁରେ ସାପ କାମୁଡାରେ ମାଇଁ ଭାଣିଜୀଙ୍କ ମୃତ୍ୟୁ ଘଟିଛି। ମୃତକ ମାନେ ହେଲେ ଦମୟନ୍ତୀ ଶବର(୨୬) ଓ ତାଙ୍କ ଭାଣିଜୀ ଲିମି କାର୍ଜି(୧୨)। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୁଧବାର ରାତିରେ ଉଭୟେ ଘରେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା।

## କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚର ବିକ୍ଷୋଭ

ବ୍ରହ୍ମପୁର,୧୪।୮ (ସମିସ): ପୁରଣା ବସଷ୍ଟାଣ୍ଡରେ ବୁଧବାର କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଗଞ୍ଜାମଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜାତୀୟ ସାର୍ବଭୌମତ୍ୱ ସୁରକ୍ଷା ଓ କର୍ପୋରେଟ ଲୁଣ୍ଠନ ବନ୍ଦ କରିବା ନିମନ୍ତେ ମଞ୍ଚ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ପରିବେଶବିତ ପ୍ରଫୁଲ୍ଲ କୁମାର ସାମନ୍ତରାୟ, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚର ଯୁଧିଷ୍ଠିର ବେହେରା, ପ୍ରତାପ ଚନ୍ଦ୍ର ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଅଳକନାଥ ମିଶ୍ର, ରମେଶ ପାଢ଼ୀ, ସଂଯୁକ୍ତ କିଷାନ ମୋର୍ଚ୍ଚାର ଭାଲଚନ୍ଦ୍ର ଷଡ଼ଙ୍ଗୀ, ପି. ହରିକୃଷ ରେଡ୍ଡୀ, ନୀଳକଣ୍ଠ ଦାସ, କୈଳାଶ ଷଡ଼ଙ୍ଗୀ, ପି. ପାର୍ବତୀ, ଅଜୟ ଗୌଡ଼, ସୀମାଞ୍ଚଳ ସାହୁ, ନିରଞ୍ଜନ ଶବର, ମାନବ ଅଧିକାର ମଞ୍ଚର ଅବନୀ ଗୟା, ଗଗନ ମଲ୍ଲିକ ଓ ଆଦିତ୍ୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# 'ହର୍ ଘର୍ ତ୍ରିରଙ୍ଗା' ଉତ୍ସବ











**କବିସୂର୍ଯ୍ୟନଗର:** ସ୍ଥାନୀୟ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ "ହର୍ ଘର୍ ତ୍ରିରଙ୍ଗା' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବ୍ରତ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ରାଜେନ୍ଦ୍ର ନାୟକ, ଏବିଡ଼ିଓ ନାରାୟଣ ବେହେରା, ଅଧ୍ୟାପକ ସୁଦାମ ଚରଣ ପରିଡା, ଅମୂଲ୍ୟ ପାଣି, ପ୍ରାକ୍ତନ ଅଧ୍ୟକ୍ଷ କେ. ପୁରୁଷୋତ୍ତମ, ଭଗବାନ ମିଶ୍ର, ବ୍ଲକ ବାବୁରାଜ କହଁର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଭାସାଙ୍ଗ ପରେ କବିସୂର୍ଯ୍ୟନଗରର ବିଡିଓ, ଏବିଡିଓ ବ୍ଲକ ଅଫିସର କର୍ମଚାରୀ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ , ଛାତ୍ର ଓ ଛାତ୍ରୀମାନେ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ।

**ସାନଖେମୁଣ୍ଡି:** ପାଟପୁର ସ୍ଥିତ ବିଶ୍ୱାସ ରାୟ ବିଜ୍ଞାନ ମହାବିଦ୍ୟାଳୟ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ଅଧିକାରୀ ରାଲିର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜନା ସହ ଶୋଭାଯାତ୍ରା ପ୍ରାରମ୍ଭରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାଶ ଚନ୍ଦ୍ର ସ୍ୱାଇଁ ଶପଥ ପଠନ ସହ ଉଦବୋଧନ ଦେଇଥିଲେ। ଶିକ୍ଷା ଅଧିକାରୀ ସୁଧାଂଶୁ ମୁଖି ପାଢ଼ୀ, ଯୁବ ରେଡ୍ କ୍ରସ ଅଧିକାରୀ ସଲିନା ବେହେରା, ଏନଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ଭୂୟାଁ, ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ଦାସ, ସହ କୋଷ ଅଧିକାରୀ ଗୌତମ ରଣା, ଅଧ୍ୟାପକ ପ୍ରଫୁଲ୍ଲ ମହାରଣା, ଆକାଶ ପାଢ଼ୀ, ଶ୍ରୀକାନ୍ତ ସାହୁ, କେଶବ ହାଁସଦାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

**ବେଗୁନିଆପଡା:** ବେଗୁନିଆପଡା ଓ କୋଦଳା ସମେତ ସମସ୍ତ ପଞ୍ଚାୟତ ଓ ଏନଏସି ଅଞ୍ଚଳରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ସାମିଲ ହୋଇଥିଲେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। କୋଦଳା ଏନଏସିର ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, କୋଦଳା ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ସସ୍ମିତା ଶତପଥୀ, ବ୍ଲକ ଓ ଏନଏସି କର୍ମକର୍ତ୍ତା, ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରାଛାତ୍ରୀ, ସମାଜସେବୀ ତଥା ବିଜେପି ନେତା ଚିତ୍ରସେନ ପରିଡା, ରବୀନ୍ଦ୍ର ମହାନ୍ତି, ବିଭୁତି ଭୂଷଣ ପାଣ୍ଡିଙ୍କ ସମେତ ଓ ବହୁ ବିଜେପି କର୍ମୀ, ସରପଞ୍ଚ, ସମିତି ସଭ୍ୟ, କାଉନସିଲର, ବିଭିନ୍ନ ଗ୍ରାମର ସଚେତନ ନାଗରିକ ସାମିଲ ହୋଇଥିଲେ।

**ଶେରଗଡ:** ଶେରଗଡ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ପଣ୍ଡା, ବିନୋଦ ଚନ୍ଦ୍ର କର, ରମେଶ ଚନ୍ଦ୍ର ପ୍ରଧାନ, ତାରିଣୀ ଚରଣ ମହାପାତ୍ର, ବଳଭଦ୍ର ଚୈତନ୍ୟ ଦାସ, ସଦାନନ୍ଦ ତ୍ରିପାଠୀ, ଆଲୋକ କୁମାର ତ୍ରିପାଠୀଙ୍କ ସହ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ ଦେଶର ଏକତା ଓ ଅଖଣ୍ଡତା ଉପରେ ଆଲୋକପାତ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ମହାବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଶେରଗଡ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କିରାଣି ସଦାନନ୍ଦ ତ୍ରିପାଠୀ ଓ ଆଲୋକ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

**ଭଞ୍ଜନଗର/ବେଲଗୁଣ୍ଠା:** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷେତ୍ରୀୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଗିରିଧର ନାୟକ ଶୁଭାରମ୍ଭ କରିଥିବା ବେଳେ, ସରପଞ୍ଚ କମଳା କୁମାରୀ ପ୍ରଧାନ ତ୍ରିରଙ୍ଗା ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ,ଓ ଛାତ୍ରଛାତ୍ରୀଙ୍କ ସହ ଯୁବ ରେଡକ୍ରସ ଓ ସେଚ୍ଛାସେବି ସଂଗଠନ ସାମିଲ ହେଇଥିଲେ।

**ବୁଗୁଡ଼ା:** ବୁଗୁଡ଼ା ସହରରେ ତ୍ରିରଙ୍ଗା ଶୋଭାଯାତ୍ରାରେ ଉତ୍କଳ ଛାତ୍ର ସଂଘ ସଭାପତି ରଜତ କୁମାର ପୃଷ୍ଟି, ସଂପାଦକ ରାକେଶ ଜେନା, ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର, ସୌଭାଗ୍ୟ ସାହୁ, କାଜଲ ଗୌଡ଼, ସିମ୍ରନ୍ ଭଞ୍ଜ, ପୂଜା ଦାସ, ସୋନାଲି ଜେନା, ରଶ୍ମିତା ପଣ୍ଡାଙ୍କ ସମେତ ବହୁ ଛାତ୍ରୀ ଯୋଗ ଦେଇଥିଲେ। ସେହିପରି ବାଲିପଦର ମଣ୍ଡଳ ଭାଜପା ସଭାପତି ଭଗବାନ ଜେନା ଓ ପ୍ରଭାରୀ ସଞ୍ଜୟ ଜେନାଙ୍କ ତତ୍ତ୍ୱାବଧାନରେ ଏହି ମଣ୍ଡଳ ଅନ୍ତର୍ଗତ ୭ଟି ପଞ୍ଚାୟତରେ ବାଇକ୍ ଯୋଗେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଦିଗପହଣ୍ଡି:** ଦିଗପହଣ୍ଡି ଠାରେ ଏବିଭିପ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ବିଦ୍ୟାର୍ଥୀ ପରିଷଦ ଗଞ୍ଜାମ ବିଭାଗ ସଙ୍ଗଠନ ସମ୍ପାଦକ ଚନ୍ଦନ କୁମାର ମାଇତି, ସୋସିଆଲ ମିଡ଼ିଆ ରାଜ୍ୟ ସଂଯୋଜକ ତଥା ଗଞ୍ଜାମ ବିଭାଗ ସହ ସଂଯୋଜକ ସୁନୀଲ କୁମାର ଦୋରା, ବିଜେପି ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥ, ଜିଲ୍ଲା ସହ- ସଂଯୋଜକ ଅମିତ କୁମାର ରଥ, ଗଞ୍ଜାମ ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ନୀଳମାଧବ ପାଣିଗ୍ରାହୀ, ଦିଗପହଣ୍ଡି ନଗର ସଭାପତି ଅଶୋକ କୁମାର ଦୋରା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡ ମହାବିଦ୍ୟାଳୟ ପ୍ରମୁଖ ଧର୍ମେନ୍ଦ୍ର ଦୋରା, ଆଦିତ୍ୟ ଗୌଡ, ରାହୁଲ ଜେନା, ଚନ୍ଦ୍ର ଶେଖର ଦାଶ, ଆଶିଷ ଦୋରା, ହରେକୃଷ୍ଣ ଦୋରା, ବିଜୟ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମୁଖ ପ୍ରତିରକ୍ଷା ପ୍ରତିଷ୍ଠାନ ଓ ବିରଳ ଧାତୁ ଖନନ କେନ୍ଦ୍ରକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୧୪।୮ (ସମିସ): ଟାଟାପାୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠିତ ଅନ୍ୟତମ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଦେଶର ଦୁଇ ପ୍ରମୁଖ ଅନୁଷ୍ଠାନକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସୁନାବେଡ଼ା ସ୍ଥିତ ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡ୍(ହାଲ୍) ଓ ଆଣବିକ ଶକ୍ତି ବିଭାଗ ଅଧୀନରେ ଥିବା ଛତ୍ରପୁରସ୍ଥିତ ଇଣ୍ଡିଆନ୍ ରେୟାର ଆର୍ଥସ୍ ଲିମିଟେଡ୍ (ଆଇଆରଇଏଲ୍) ପ୍ରତିଷ୍ଠାନକୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ଯୋଗାଣ ହେଉଛି। ଗତ ଏପ୍ରିଲରୁ ଜୁନ୍ ମଧ୍ୟରେ ଆଇଆର୍‌ଇଏଲ୍‌କୁ ବିଜୁଳି ଯୋଗାଣରେ କୌଣସି ବାଧା ଉତ୍ପନ୍ନ ହୋଇ ନ ଥିବାବେଳେ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଜୁଳି ସେବା ସୁନିଶ୍ଚିତ ହୋଇପାରିଛି। ସେହିଭଳି ସୁଖୋଇ ଯୁଦ୍ଧବିମାନର ଇଞ୍ଜିନ ନିର୍ମାଣ ପାଇଁ ଦେଶର ପ୍ରମୁଖ କାରଖାନା ସୁନାବେଡ଼ା ସ୍ଥିତ ହାଲକୁ ମଧ୍ୟ ଗୁଣାତ୍ମକ ବିଜୁଳି ଯୋଗାଣ ହେଉଛି। ଟିପିଏସ୍‌ଓଡିଏଲ୍ ଦ୍ୱାରା ସ୍ଥାପିତ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ଉଚ୍ଚକ୍ଷମତା ସମ୍ପର୍ଣ୍ଣ ସ୍ୱତନ୍ତ୍ର ୧୩୨କେଭି ଲାଇନ ଯୋଗେ ହାଲ୍‌କୁ ବିଜୁଳି ଯୋଗାଣ ହେଉଛି। ସେହିଭଳି ଆଣବିକ ଶକ୍ତି, ପ୍ରତିରକ୍ଷା ଜ୍ଞାନକୌଶଳ ଓ ଅତ୍ୟାଧୁନିକ ଉତ୍ପାଦନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରୁଥିବା କରୁଥିବା ଛତ୍ରପୁରସ୍ଥିତ ଖଣିଜ ପ୍ରକ୍ରିୟାକରଣ କେନ୍ଦ୍ର ଆଇଆରଇଏଲ୍‌କୁ ଛତ୍ରପୁର ଗ୍ରୀଡ୍ ସବଷ୍ଟେସନରୁ ସ୍ୱତନ୍ତ୍ର ୧୩୨ କେଭି ଲାଇନ ଯୋଗେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ହେଉଛି। ଏହାସହ ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଟିପିଏସ୍‌ଓଡିଏଲ୍ ଦ୍ୱାରା କରାଯାଉଛି। ଭାରତର ଏହି ଦୁଇ ପ୍ରମୁଖ ଅନୁଷ୍ଠାନ ଦେଶ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରୁଥିବା ହେତୁ ଏଠାକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରି ଟିପିଏସ୍‌ଓଡିଏଲ୍ ଗର୍ବ ଅନୁଭବ କରେ। ଜାତୀୟ ପ୍ରତିଷ୍ଠାନଗୁଡ଼ିକର ଉଚ୍ଚସ୍ତରୀୟ କାର୍ଯ୍ୟକ୍ଷେତ୍ରକୁ ସୁନିଶ୍ଚିତ ରଖିବାସହ ଉତ୍ପାଦନ ସମୟସୀମାରେ ଯେପରି କୌଣସି ବ୍ୟାହାତ ନ ହୁଏ, ସେଦିଗରେ ଟିପିଏସ୍‌ଓଡିଏଲ୍ ସର୍ବଦା ସଚେତନ ରହିଛି। ହାଲ୍‌ର ପ୍ରତିରକ୍ଷା ଉତ୍ପାଦନଠାରୁ ଆରମ୍ଭ କରି ଆଇଆରଇଏଲ୍‌ର ଏରୋସ୍ପେସ୍ ଉପାଦାନ, ସବୁଜ ଶକ୍ତି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଓ ବିରଳ ଧାତୁ ଉତ୍ପାଦନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ଷେତ୍ରକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ହେଉଛି। ପ୍ରତିରକ୍ଷା ଓ ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଦିନକୁ ଦିନ ଅଧିକ ଆତ୍ମନିର୍ଭରଶୀଳ ହେଉଥିବା ବେଳେ, ଦେଶର ଏହିଭଳି ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ବିଜୁଳି ଯୋଗାଣର ଦାୟିତ୍ୱ ଟିପିଏସ୍‌ଓଡିଏଲ୍ ଉପରେ ରହିଛି। ଟିପିଏସ୍‌ଓଡିଏଲ୍ ନିରବଚ୍ଛିନ୍ନ ବିଜୁଳି ଯୋଗାଣ କରି ନିଜର ଦାୟିତ୍ୱ ସମ୍ପାଦନରେ ପୂର୍ଣ୍ଣ ପ୍ରତିବଦ୍ଧତାର ପ୍ରମାଣ ଦେବା ସହ ଜାତୀୟ ସେବାରେ ଏକ ମାନଦଣ୍ଡ ଭାବେ ଉଭା ହୋଇଛି।

**ସୁଖୋଇ ଲଢୁଆ ବିମାନ ଇଞ୍ଜିନ ନିର୍ମାଣଠାରୁ ଆରମ୍ଭ କରି ଧାତୁ ଖନନ ୟୁନିଟ୍ ପର୍ଯ୍ୟନ୍ତ ସବୁ କ୍ଷେତ୍ରକୁ ଗୁଣାତ୍ମକ ବିଜୁଳି ଯୋଗାଣ**




Lunching of Zoom 125, Courtesy Soumik Hero, Jajpur Road

